# Akashvani, Sambalpur

## SAMBALPURI NEWS EVENING BULLETIN

**10 January 2025- 7.02 pm- 7.12 pm.**

*********************************************

୧- ବିକଶିତ୍ ଭାରତ୍ ଗଠନ୍‌ଥି ସାମିଲ୍ ହେବାର୍‌କେ ପ୍ରବାସୀ ଭାରତୀୟମାନ୍‌କୁ ଆହ୍ୱାନ୍ ଦେଲେ ରାଷ୍ଟ୍ରପତି ।

- ଭିନ୍ ଭିନ୍ କ୍ଷେତ୍ର ନ ଉଲ୍ଲେଖନୀୟ ଅବଦାନ୍ ଲାଗି ୨୭ ଝନ୍ ସମ୍ମାନିତ୍ ।

- ଉଦ୍‌ଯାପିତ ହେଲା ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମ୍ମିଳନୀ ।

୨- ପ୍ରବାସୀମାନ୍‌କୁ ସବୁବେଳେ ସ୍ୱାଗତ୍ କର୍‌ବେ ଓଡ଼ିଶାବାସୀ - କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ହେବା ମେଚ୍ ।

ପ୍ରବାସୀ ଭାରତୀୟ ରାଷ୍ଟ୍ରପତି        ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ଆଏବା ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ ପ୍ରକ୍ରିୟାଥି ସାମିଲ୍ ହେବାର୍‌କେ ପ୍ରବାସୀ ଭାରତୀୟମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ସମ୍ମିଳନୀର୍ ଉଦ୍‌ଯାପନୀ ସମାରୋହଥି ଅଭିଭାଷଣ୍ ଦେଇକରି ରାଷ୍ଟ୍ରପତି କହିଛନ୍, ବିକଶିତ୍ ଭାରତ୍ ଖାଲି ସର୍‌କାର୍‌ଙ୍କର୍ ଲକ୍ଷ୍ୟ ନୁହେଁ, ଇଟା ଗୁଟେ ଜାତୀୟ ଅଭିଯାନ୍ । ଫି' ଭାରତୀୟ ଆର୍ ପ୍ରବାସୀ ଭାରତୀୟଙ୍କର୍ ସକ୍ରିୟ ଅଂଶଗ୍ରହଣ୍ ହିଁ ବିକଶିତ୍ ଭାରତ୍ ଗଠନ୍ ହେଇପାର୍‌ବା ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍-୧-ରାଷ୍ଟ୍ରପତି)

ଶ୍ରୀମତୀ ମୁର୍ମୁ କହିଛନ୍, ଭାରତ୍ ଆଏଜ୍ ବିଶ୍ୱସ୍ତର୍ ନ ପ୍ରଗତିର୍ ନୂଆଁ ଆଶା ଦେଖେଇଛେ । ଇଥି ପ୍ରବାସୀ ଭାରତୀୟମାନ୍‌କର୍ ମହତ୍ୱପୂର୍ଣ୍ଣ ଭୂମିକା ରହିଛେ । ପ୍ରବାସୀ ଭାରତୀୟ ଦିବସ୍ ଖାଲି ଗୁଟେ କାର୍ଯ୍ୟକ୍ରମ୍ ନୁହେଁ, ଇଟା ଭାରତ୍ ଆର୍ ଇତାର୍ ପ୍ରବାସୀଙ୍କର୍ ଭିତ୍‌ରେ ସମ୍ପର୍କକେ ବର୍‌କସ୍ କର୍‌ବାର୍ ଗୁଟେ ବଳିଷ୍ଠ ମାଧ୍ୟମ୍ ବଲି ରାଷ୍ଟ୍ରପତି କହିଛନ୍ । ଉଦ୍‌ଯାପନୀ ସମାରୋହଥି ଭିନ୍ ଭିନ୍ କ୍ଷେତ୍ର ନ ଉଲ୍ଲେଖନୀୟ ଅବଦାନ୍ ଲାଗି ରାଷ୍ଟ୍ରପତି ୨୭ ଝନ୍ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ୍ କରିଛନ୍ । ସେମାନ୍‌କର୍ ଭିତ୍‌ରେ ଓଡ଼ିଶାର୍ ଝନେ

ପ୍ରବାସୀ ଭାରତୀୟ ରବି କୁମାର୍ ଏସ୍. ଭିଲ୍ ସମ୍ମାନିତ୍ ହେଇଛନ୍ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ରାଷ୍ଟ୍ରପତି ଆର୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ପ୍ରବାସୀ ଭାରତୀୟମାନ୍‌କୁ ଯୋଗଦାନ୍ ଲାଗି କୃତଜ୍ଞତା ଜନେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶାବାସୀ ସବୁବେଲେ ପ୍ରବାସୀମାନ୍‌କୁ ସ୍ୱାଗତ୍ କର୍‌ବେ । ଭୁବ୍‌ନେଶ୍ୱର୍ ନ ଇ ସମ୍ମିଲନୀର୍ ଆୟୋଜନ୍ ଲାଗି ଓଡ଼ିଆ ଅସ୍ମିତା ଆହୁରି ଉଚା ହେଇପାରିଛେ । ସମ୍ମିଲନୀର୍ ଆୟୋଜନ୍ ଉତାରୁ ବିଶ୍ୱ ଦର୍‌ବାର୍ ନ ଓଡ଼ିଆ କଲା, ସଂସ୍କୃତି ଆର୍ ପର୍ଯ୍ୟଟନ୍‌ର ପ୍ରଚାର୍ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ ।

(ଭଏସ୍ ଓଭର୍- ୨- ମୁଖ୍ୟମନ୍ତ୍ରୀ)

ପ୍ରବାସୀ ଭାରତୀୟ ଦିବସ୍ ପ୍ରଦର୍ଶନୀ ଲୁକ୍‌କର୍ ଲାଗି ଆଏବା କାଏଲ୍‌ନୁ ୨ ଦିନ୍‌ତକ୍ ଖୁଲା ରହେବା ବଲି ଜନାପଡ଼ିଛେ ।

ପ୍ରବାସୀ ଭାରତୀୟ-ଏସ୍. ଜୟଶଙ୍କର୍    ଆର୍‌ଏନ୍‌ୟୁ/ କଟକ୍

ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍‌ଥି ମହିଲା ସଶକ୍ତିକରଣ୍ ସାହାଜ୍ କର୍‌ବା ବଲି ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ କହିଛନ୍ । ନାରୀଶକ୍ତି ଆଉ ପ୍ରଭାବ୍‌ର ଉତ୍ସବ୍ ବାବ୍‌ଦେ ହେଇଥିବା ଗୁଟେ ଆଲୋଚନାଚକ୍ରଥି ଯୋଗ୍ ଦେଇକରି ଡକ୍ଟର୍ ଜୟଶଙ୍କର୍ କହିଛନ୍, ଭେଦ୍‌ଭାବ୍

ପରିବାର୍‌ନୁ ହିଁ ମୁଲ୍ ହେଇଥିସି । ଐତିହାସିକ୍, ପରମ୍ପରାଗତ୍ ଆର୍ ସାମାଜିକ୍ ଚଲଣୀଥି ଥିବା ସମସ୍ୟାମାନ୍‌କର୍ ସମାଧାନ୍ ହେଲେ ବିକାଶ୍ ହେଇପାର୍‌ବା ବଲି ଡକ୍ଟର୍ ଜୟଶଙ୍କର୍ କହିଛନ୍ । ଅଧିବେଶନ୍‌ଥି ଭିନ୍ ଭିନ୍ କ୍ଷେତ୍ରଥି ବିଶ୍ୱସ୍ତର୍ ନ ପ୍ରତିନିଧିତ୍ୱ କରୁଥିବା ସଫଲ୍ ମହିଲାମାନ୍‌କର୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ପ୍ରବାସୀ ଭାରତୀୟ - ଧର୍ମେନ୍ଦ୍ର ପ୍ରଧାନ୍   ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ହରିଆଣାର୍ ପର୍ଯ୍ୟଟନ୍ ମନ୍ତ୍ରୀ କନ୍‌ୱର୍ ପାଲ୍ ଗୁଜ୍ଜର୍ ପ୍ରବାସୀ ଭାରତୀୟ ଦିବସ୍ ସମ୍ମିଲନୀଥି ଓଡ଼ିଶାର୍ ପ୍ରଦର୍ଶନୀ କକ୍ଷ ବୁଲ୍‌ବାର୍ ସହେତେ ଇତାର୍ ପ୍ରଶଂସା କରିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଓଡ଼ିଶାର୍ ମହାନ୍ ପରମ୍ପରାକେ ସାରା ପୁର୍‌ଥି ନ ପୁହୁଁଚାବାର୍‌ଥି ଇ ଚେରେଷ୍ଟା ଗୁର୍ଦୁଟେ ପ୍ରଶଂସନୀୟ । ପ୍ରଦର୍ଶନୀ ଜରିଏ ଓଡ଼ିଶାର୍ କଳା, ସଂସ୍କୃତିର୍ ବହୁତ୍ ପ୍ରଚାର୍ ପ୍ରସାର୍ ହେବା ବଲି କେନ୍ଦ୍ରମନ୍ତ୍ରୀ ଆଶ୍ କରିଛନ୍ ।

ପ୍ରବାସୀ ଭାରତୀୟ- ଗଜେନ୍ଦ୍ର ସିଂ ଶେଖାୱତ୍   ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ସଂସ୍କୃତି ଆଉ ସାଂସ୍କୃତିକ୍ ମୂଲ୍ୟବୋଧ ଆର୍ ଭାଷାକେ ବିଶ୍ୱ ଦରବାର୍ ନ ପୁହୁଁଚାବାର୍‌ଥି ପ୍ରବାସୀ ଭାରତୀୟମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି କେନ୍ଦ୍ର ପର୍ଯ୍ୟଟନ୍ ଆଉ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ । ପ୍ରବାସୀ ଭାରତୀୟ ଦିବସ୍ ସମ୍ମିଲନୀଥି ସଂସ୍କୃତି, ସମ୍ପର୍କ ଆର୍ ଆତ୍ମୀୟତା ବାବ୍‌ଦେ ହେଇଥିବା ଗୁଟେ ଆଲୋଚନାଚକ୍ରଥି ଯୋଗ୍ ଦେଇକରି ଶ୍ରୀ ଶେଖାୱତ୍ କହିଛନ୍, ରାଷ୍ଟ୍ରର୍ ମହାନତା ତାର୍ ପ୍ରବାସୀଙ୍କର୍ ସଙ୍ଗେ ସୁସମ୍ପର୍କ ଥାପ୍‌ନାଥି ରହିଥିସି । ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ୍ ଜରିଏ ସଫଲ୍ ପ୍ରବାସୀ ଭାରତୀୟମାନ୍‌କୁ ନିଜର୍ ଦେଶ୍ ସଙ୍ଗେ ଜୁଡ଼ି ରଖିବାର୍‌କେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରୟାସ୍‌କେ ଶ୍ରୀ ଶେଖାୱତ୍ ପ୍ରଶଂସା କରିଛନ୍ ।

ଜାତୀୟ ଯୁବ ଉତ୍ସବ୍ ପି.ଆଇ.ବି.

କେନ୍ଦ୍ର ଯୁବ ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଜାତୀୟ ଯୁବ ଉତ୍ସବ୍ -୨୦୨୫ ଆଏଜ୍‌ଠାନୁ ମୁଲ୍ ହେଇଛେ । ସମାରୋହର୍ ଉଦ୍‌ଯାପନୀ ଦିବସ୍ ୧୨ ତାରିଖ୍ ଦିନର୍ ୧୦ ବଜେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବିକଶିତ ଭାରତ୍ : ୟଙ୍ଗ ଲିଡର୍ସ ଡାଇଲଗ୍' କାର୍ଯ୍ୟକ୍ରମ୍‌ଥି ଦେଶର୍ ଯୁଆନ୍ ମାନ୍‌କର୍ ସାଙ୍ଗେ ସିଧାସଲଖ୍ ଭାବ୍ ବିନିମୟ କର୍‌ବେ । ବିକଶିତ୍ ଭାରତ୍‌କେ ନେଇକରି

ଯୁଆନ୍ ପିଲାଟୁକେଲ୍‌ମାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଠାନେ ନିଜର୍ ନିଜର୍ ଲକ୍ଷ୍ୟ ଉପସ୍ଥାପନ୍ କର୍‌ବେ । ଦେଶେ ନେତୃତ୍ୱ ଆର୍ ଦେଶ୍ ଗଠନ୍ ଦିଗେ ଯୁଆନ୍ ପିଢ଼ିକେ ବିନିଯୋଗ୍ କର୍‌ବାର୍ ଲାଗି ଇ କାର୍ଯ୍ୟକ୍ରମ୍ ସାହାଜ୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ଆକାଶବାଣୀର କୁମ୍ଭବାଣୀ ଚେନାଲ ଆର୍‌ଏନ୍‌ୟୁ/ କଟକ୍

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍ ଠାନେ ମହାକୁମ୍ଭ -୨୦୨୫ କେ ସମର୍ପିତ ଆକାଶବାଣୀର କୁମ୍ଭବାଣୀ ଚେନାଲ୍ ଆଏଜ୍ ଲୋକାର୍ପିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ୍ ଇ ଚେନାଲ୍‌କେ ଲୋକାର୍ପଣ୍ କରିକରି କହିଛନ୍, କୁମ୍ଭବାଣୀ ଅଏତ୍‌କା ଲୋକପ୍ରିୟ ହେବାର୍ ସହେତେ ଦୂରିଆ ଇଲାକା ନ ଲୋକ୍‌ମାନ୍‌କର୍ ପାଖ୍‌କେ ପୁହୁଁଚିପାର୍‌ବା । ମହାକୁମ୍ଭ ବାବ୍‌ଦେ ସବୁ ତଥ୍ୟ ଇତାର୍ ଜରିଏ ପ୍ରସାରିତ୍ ହେବା ବଲି ସେ କହିଛନ୍ ।

କେନ୍ଦ୍ର ସର୍‌କାର୍- ଟେକ୍ସ ଟଙ୍କା ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ରାଜ୍ୟ ମାନ୍‌କୁ ଇ ମାସର୍ ଲାଗି ୧ ଲାଖ୍ ୭୩ ହଜାର୍ ୩୦ କୋଟି ଟେକ୍ସ ଟଙ୍କା ଦେଇଛନ୍ । ସେଥୁ

ଓଡ଼ିଶାକେ ୭ ହଜାର୍ ୮ ଶହ ୩୪ କୋଟି ୮୦ ଲାଖ୍ ଟେକ୍ସ ଟଙ୍କା ମିଲିଛେ । ଗଲା ମାସ୍‌ନୁ ଇ ମାସ କେନ୍ଦ୍ର ସର୍‌କାର୍ ରାଜ୍ୟ ମାନ୍‌କୁ ଅଏତ୍‌କା କରି ଟଙ୍କା ଦେଇଛନ୍ । ଗଲାମାସ ମୋଟ୍ ୮୯ ହଜାର୍ ୮୬ କୋଟି ଟଙ୍କା ଦେଇଥିଲେ । ରାଜ୍ୟମାନେ ବିକାଶ୍ ଆର୍ ଜନକଲ୍ୟାଣ୍‌କାରୀ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ଇଥର ବଢ଼େଇକରି ଇ ଟଙ୍କା ଦିଆଯାଇଛେ ବଲି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶାକେ ଟେକ୍ସ ଟଙ୍କା ଦେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ହିନ୍ଦୀ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ହିନ୍ଦୀ ଭାଷା ସରଳ ସମୃଦ୍ଧ ଭାଷା ହେଇଥିବାର୍‌ନୁ ପୁର୍‌ଥିର୍ ସବୁଠାନୁ ଅଏତ୍‌କା ବେଭାର୍ କରାଯାଉଥିବା ୫ ଟା ଭାଷା ଭିତ୍‌ରେ ହିନ୍ଦୀ ଭାଷା ଠାନ୍ ପାଇଛେ । ୧୯୭୫ ମସିହାର୍ ଆଝିର୍ ଦିନେ ନାଗ୍‌ପୁର୍ ଠାନେ ହେଇଥିବା ପହେଲା ବିଶ୍ୱ ହିନ୍ଦୀ ସମ୍ମିଲନୀଥି ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ହେଇଥିଲା । ଭାରତ୍ ସର୍‌କାର୍ ୨୦୦୬ ମସିହାନୁ ଫି’ ବଛର୍ ଜାନୁଆରୀ ମାସ

୧୦ ତାରିଖ୍‌କେ ବିଶ୍ୱ ହିନ୍ଦୀ ଦିବସ୍ ଭାବେ ପାଲନ୍ କରୁଛନ୍ ।

ବର୍‌ଗଡ଼୍ ଧନୁଯାତ୍ରା          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୮ ନମ୍ବର୍ ଦିନେ ମଥୁରା ନଗରୀ ନ କୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ୍ ଲାଗି ଅକ୍ରୁରଙ୍କର୍ ଗୋପପୁର ଗମନ, ଇନ୍ଦ୍ରଙ୍କର୍ ସହେତେ ଯୁଦ୍ଧ ଆର୍ ବନ୍ଦୀ, ଯମପୁର ଆକ୍ରମଣ୍, ମହାରାଜ୍ କଂସଙ୍କର୍ ନଗର୍ ବୁଲ୍‌ବାର୍ ଦୃଶ୍ୟ ମୁଖ୍ୟ ଆକର୍ଷଣ ପାଲଟିଥିଲା । ସେନ୍ତା ଗୋପପୁରେ ଶ୍ରୀକୃଷ୍ଣଙ୍କର୍ ଗିରି ଗୋବର୍ଦ୍ଧନ୍ ଧାରଣ, ଅକ୍ରୁରଙ୍କର୍ ଗୋପପୁର ପ୍ରବେଶ୍ ଆର୍ କୃଷ୍ଣ-ବଳରାମ୍‌ଙ୍କର୍ ସଙ୍ଗେ ଭେଟ୍, ଯମୁନା ନ ଶ୍ରୀକୃଷ୍ଣଙ୍କର୍ ପାଦଚିହ୍ନ ଦର୍ଶନ୍ ବାଗିର୍ ଦୃଶ୍ୟ ଅଭିନୟ ହେଇଛେ ।

ଦୁର୍ଘଟଣା          ନୂଆପଡ଼ା ସମ୍ବାଦଦାତା/ଆର୍‌ଏନ୍‌ୟୁ କଟକ୍

ନୂଆପଡ଼ା ଜିଲ୍ଲା ସିନାପଲି ନୁ ହାଇଦ୍ରାବାଦ୍ ଯାଉଥିବା ଗୁଟେ ଘରୋଇ ବସ୍ ଦୁର୍ଘଟଣାଥି ୪ ଝନ୍‌କର୍ ଜୀବନ୍ ଯାଇଥିବାରେ୍ ବେଲେ ୬ ଝନ୍ ନୁ ଅଏତ୍‌କା ଯାତ୍ରୀ ଆହତ୍ ହେଇଛନ୍ । ବସ୍‌ଟା ତେଲେଙ୍ଗାନା, କମ୍ମମ୍- ସୂର୍ଯ୍ୟପେଟ୍ ଜାତୀୟ

ରାଜପଥ୍‌ରୁ ଯାଉଥିବା ବେଳେ ରାସ୍ତା ନ ଠିଆ ହେଇଥିବା ଗୁଟେ ଟ୍ରକ୍‌କେ ପଛଆଡୁ ଧକ୍କା ଦେବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା । ସୂଚ୍‌ନା ଅନ୍‌ସାରେ ଅପ୍ରବଲ୍ କୁହୁଡ଼ି ଲାଗି ବସ୍ ଚାଲକ୍ ଟ୍ରକ୍‌କେ ଦେଖି ନାଇଁପାରି ।

ସେଆଡ଼େ ନୟାଗଡ଼୍ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍‌ର ଗୁଣ୍ଡୁଣି ଗାଁନୁ ପାଖାପାଖି ୪୫ ଝନ୍ ଯାତ୍ରୀ ନେଇକରି ଗଲା ରାତି କାଳିଜାଇ ଯାଉଥିବାର୍ ଗୁଟେ ବସ୍ ଦୁର୍ଘଟଣାଗସ୍ତ ହେବାର୍‌ନୁ ଝନ୍‌କର୍ ଜୀବନ୍ ଯାଇଛେ । ଇ ଦୁର୍ଘଟଣାଥି ୩୦ ନୁ ଅଏତ୍‌କା ଯାତ୍ରୀ ଆହତ୍ ହେଇଛନ୍ । ପୁଲିସ୍ ଆର୍ ଅଗ୍ନିଶମ ବାହିନୀ ଘଟ୍‌ନାଜାଗାକେ ପୁହୁଁଚିକରି ଯାତ୍ରୀମାନ୍‌କୁ ଉଦ୍ଧାର୍ କରିଥିଲେ ।

ଜାତୀୟ ମତଦାତା ଦିବସ କଲାହାଣ୍ଡି/ ଦେବ୍‌ଗଡ଼୍ ସମ୍ବାଦଦାତା

ଦେଶବ୍ୟାପୀ ଜାନୁୟାରୀ ୨୫ ତାରିଖ ଜାତୀୟ ମତଦାତା ଦିବସ ପାଲନ୍ କରାଯିବା । ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ୍ ପାଲନ୍ ଲାଗି ଆଏଜ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟଣାଠାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାର ସବୁ ପଂଚାୟତ୍, ବ୍ଲକ୍, ଉପଖଣ୍ଡ ଆଉ ଜିଲ୍ଲାସ୍ତର୍‌ଥି ମତଦାତା ଦିବସ୍ ପାଲନ୍ କର୍‌ବାର୍

ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ ସଚିନ୍ ପାୱାର୍ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ଆର୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ହେନ୍ତା ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାନେ ଭିଲ୍ ଜିଲ୍ଲାସ୍ତରୀୟ ଜାତୀୟ ଭୋଟର୍ ଦିବସ୍ ପାଲନ୍ ଲାଗି ପ୍ରସ୍ତୁତି ବୈଠକ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାଥି ହେଇଥିବା ବୈଠକଥି ଭୋଟର ଦିବସ୍‌କେ ନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ ଧାରିଜ୍ କରାଯାଇଥିଲା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି **୧୫** ମିନିଟ୍‌ଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଖେଲ୍ ମୁଲ୍ ହେବା ।